# NATIONAL NEWS BULLETIN (ODIA)
## 6 March - 2025
## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତି ଭବନରେ ଆରମ୍ଭ ହୋଇଥିବା ‘ବିବିଧତା କା ଅମୃତ ମହୋତ୍ସବ’କୁ ଜନସାଧାରଣ ପରିଦର୍ଶନ କରିପାରିବେ ଆଜିଠାରୁ
- ଉତ୍ତରାଖଣ୍ଡ ଗସ୍ତରେ ଯିବେ ଆଜି ପ୍ରଧାନମନ୍ତ୍ରୀ ।
- ଭାରତ-ଜାପାନ ବ୍ୟବସାୟିକ ସହଯୋଗ କମିଟିର ୪୮ତମ ଯୁଗ୍ମ ବୈଠକ ଆଜି ଅନୁଷ୍ଠିତ ହେବ ନୂଆଦିଲ୍ଲୀରେ
- ଟ୍ରମ୍ପ ପ୍ରଶାସନଙ୍କ ବିଭିନ୍ନ ନିଷ୍ପତ୍ତି ଭାରତ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିଛି, କହିଲେ ବୈଦେଶିକ ବ୍ୟାପାରମନ୍ତ୍ରୀ

ଏବଂ

- ଆଇସିସି ଚମ୍ପିୟାନ୍ସ ଟ୍ରଫି କ୍ରିକେଟ୍ ପ୍ରତିଯୋଗିତାର ଫାଇନାଲ୍‌ରେ ନ୍ୟୁଜିଲ୍ୟାଣ୍ଡକୁ ଭେଟିବ ଭାରତ ।

# ପ୍ରେସିଡେଣ୍ଟ

ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ଗତକାଲିଠାରୁ ଆରମ୍ଭ ହୋଇଥିବା ‘ବିବିଧତା କା ଅମୃତ ମହୋତ୍ସବ’ ଆଜିଠାରୁ ଜନସାଧାରଣଙ୍କ ଲାଗି ଦିନ ୧୦ଟାରୁ ରାତି ୮ଟା ପର୍ଯ୍ୟନ୍ତ ଖୋଲା ରହିବ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗତକାଲି ଏହାର ଉଦ୍‌ଘାଟନ କରିଛନ୍ତି । ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମହୋତ୍ସବରେ ଦେଶର ବିଭିନ୍ନ ଅଞ୍ଚଳର ସାଂସ୍କୃତିକ ପରମ୍ପରା ତଥା ବିବିଧ ଐତିହ୍ୟର ପ୍ରଦର୍ଶନ କରାଯିବ । ଏହା ଫଳରେ ରାଷ୍ଟ୍ରପତି ଭବନ ସାଂସ୍କୃତିକ ବିନିମୟର କେନ୍ଦ୍ରବିନ୍ଦୁ ହୋଇପାରିବା ସହ ଭାରତର ଜୀବନ୍ତ ଐତିହ୍ୟ ଗୁଡ଼ିକୁ ଦେଶବାସୀଙ୍କ ନିକଟତର କରାଯାଇପାରିବ ବୋଲି ରାଷ୍ଟ୍ରପତି କହିଛନ୍ତି ।

**V/O**

# ପିଏମ୍-ଉତ୍ତରାଖଣ୍ଡ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଉତ୍ତରାଖଣ୍ଡ ଗସ୍ତରେ ଯିବେ । ସେ ମୁକାୱାଠାରେ ମା’ ଗଙ୍ଗାଙ୍କ ଦର୍ଶନ କରି ପୂଜାର୍ଚ୍ଚନା କରିବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ଶ୍ରୀ ମୋଦୀ ହାର୍ସିଲଠାରେ ଟ୍ରେକ୍ ଓ ବାଇକ୍ ର୍ୟାଲିକୁ ପତାକା ଦେଖାଇ ଶୁଭାରମ୍ଭ କରିବା ସହ ସାଧାରଣ ସଭାରେ ଯୋଗଦେବେ । ଚଳିତବର୍ଷ ଉତ୍ତରାଖଣ୍ଡ ସରକାର ଶୀତ ପର୍ଯ୍ୟଟନ

କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଏହି ଉପଲକ୍ଷେ ଗଙ୍ଗୋତ୍ରୀ, ଯମୁନେତ୍ରୀ, କେଦାରନାଥ ଏବଂ ବଦ୍ରିନାଥ ଠାରେ ହେଉଥିବା କାର୍ଯ୍ୟକ୍ରମକୁ ଅନେକ ଶ୍ରଦ୍ଧାଳୁ ପରିଦର୍ଶନ କରିଛନ୍ତି । ଧାର୍ମିକ ପର୍ଯ୍ୟଟନକୁ ପ୍ରସାର କରିବା ସହ ସ୍ଥାନୀୟ ଅର୍ଥନୀତି, ପର୍ଯ୍ୟଟନ ବ୍ୟବସାୟକୁ ତ୍ୱରାନ୍ୱିତ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି କୁହାଯାଉଛି ।

## ପିଏମ୍-କ୍ୟାବିନେଟ୍

କେନ୍ଦ୍ର କ୍ୟାବିନେଟ୍ ଗତକାଲି ନେଇଥିବା ନିଷ୍ପତ୍ତିଗୁଡ଼ିକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଶଂସା କରିଛନ୍ତି । ସାମାଜିକ ଗଣମାଧ୍ୟମରେ ଏ ସଂପର୍କରେ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି ଉତ୍ତରାଖଣ୍ଡରେ ଦୁଇଟି ନୂତନ ରୋପ୍‌ୱେ କାର୍ଯ୍ୟକାରୀ କରିବା ଲାଗି ନିଆଯାଇଥିବା ନିଷ୍ପତ୍ତି ଦ୍ୱାରା କେବଳ ଶ୍ରଦ୍ଧାଳୁମାନଙ୍କର ସମୟ ସଞ୍ଚୟ ହେବ ନାହିଁ, ବରଂ ଏହା ଯାତ୍ରାକୁ ଅଧିକ ସୁଗମ କରିବ । ସେହିଭଳି ସଂଶୋଧିତ ପ୍ରାଣୀଧନ ସ୍ୱାସ୍ଥ୍ୟ ଏବଂ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟ୍ ମଂଜୁରୀ ଦେଇଥିବା ଦୃଷ୍ଟିରୁ ଏହା ଚାଷୀଙ୍କୁ ସମୃଦ୍ଧ କରିବା ସହିତ ପଶୁମାନଙ୍କର ସ୍ୱାସ୍ଥ୍ୟ ଏବଂ ଉତ୍ପାଦନ କ୍ଷମତା ବୃଦ୍ଧି କରିବ ବୋଲି ଶ୍ରୀ ମୋଦୀ ଉଲ୍ଲେଖ କରିଛନ୍ତି ।

# ପିଏମ୍-ଜାପାନ ଡେଲିଗେଟ୍ସ

ଭାରତ-ଜାପାନ ବ୍ୟବସାୟିକ ସହଯୋଗ କମିଟିର ୪୮ତମ ଯୁଗ୍ମ ବୈଠକ ଆଜି ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହେବ । ଏଥିରେ ଯୋଗଦେବାକୁ ଆସିଥିବା ଟାଟ୍ସୁଅ ୟାସୁନାଗାଙ୍କ ନେତୃତ୍ୱରେ ୧୭ଜଣିଆ ପ୍ରତିନିଧି ଦଳ ଗତକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଛନ୍ତି । ଏହି ଅବସରରେ ଶ୍ରୀ ୟାସୁନାଗା। ଆଜିର ବୈଠକରେ ଆଲୋଚନା ହେବାକୁ ଥିବା ବିଭିନ୍ନ ପ୍ରସଙ୍ଗ ସଂପର୍କରେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି । ଏହି ପ୍ରସଙ୍ଗ ଗୁଡ଼ିକ ମଧ୍ୟରେ  ଭାରତରେ କମ୍ ଖର୍ଚ୍ଚରେ  ଉଚ୍ଚ ମାନର ଉତ୍ପାଦନ, ମାନବ ସମ୍ବଳର ବିକାଶ ଏବଂ ଆଦାନ ପ୍ରଦାନ ଆଦି ପ୍ରସଙ୍ଗ ଅନ୍ତର୍ଭୁକ୍ତ ବୋଲି ସେ କହିଛନ୍ତି ।

ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ଦ ୱାର୍ଲଡକୁ ସଫଳ କରିବା ଲାଗି ଜାପାନର ବ୍ୟବସାୟୀ ଗୋଷ୍ଠୀ ଭାରତରେ ନିଜର ବ୍ୟବସାୟ ସଂପ୍ରସାରଣ କରିବା ନିମନ୍ତେ ନେଇଥିବା ନିଷ୍ପତ୍ତିକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି । ଏହାଛଡ଼ା ଭାରତ-ଜାପାନ ଦ୍ୱିପକ୍ଷୀୟ ସଂପର୍କକୁ ସଶକ୍ତ କରିବା ଦିଗରେ ଦକ୍ଷତା ବିକାଶ କ୍ଷେତ୍ରରେ ସହଯୋଗକୁ ସୁଦୃଢ଼ କରିବା ଉପରେ ମଧ୍ୟ ପ୍ରଧାନମନ୍ତ୍ରୀ ଏହି ଅବସରରେ ଗୁରୁତ୍ୱାରୋପ କରିଛନ୍ତି ।

# ଜୟଶଙ୍କର-ୟୁକେ ଭିଜିଟ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ତାଙ୍କର ବ୍ରିଟେନ୍ ଗସ୍ତ ଶେଷକରି ଆଜି ଆୟାରଲ୍ୟାଣ୍ଡ ଗସ୍ତ କରିବେ । ଏହି ଅବସରରେ ଡକ୍ଟର ଜୟଶଙ୍କର ତାଙ୍କର ଆୟାରଲ୍ୟାଣ୍ଡ ପ୍ରତିପକ୍ଷ ସାମଣ୍ଡ ହ୍ୟାରିସ୍‌ଙ୍କ ସମେତ ସେଠାକାର ନେତୃମଣ୍ଡଳୀଙ୍କ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

ବ୍ରିଟେନ୍ ଗସ୍ତ ଅବସରରେ ଡକ୍ଟର ଜୟଶଙ୍କର ତାଙ୍କର ସେଠାକାର ପ୍ରତିପକ୍ଷ ଡେଭିଲ୍ ଲାମିଙ୍କ ସହିତ ଚିଭେନିଂ ହାଉସ୍‌ଠାରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରିଛନ୍ତି । ଏ ସଂପର୍କରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ସେ କହିଛନ୍ତି, ରଣନୈତିକ ସମନ୍ୱୟ, ରାଜନୈତିକ ସହଯୋଗ, ବାଣିଜ୍ୟିକ ଚୁକ୍ତି, ଶିକ୍ଷା, ବୈଷୟିକ ଜ୍ଞାନକୌଶଳ ଏବଂ ଜନସଂପର୍କ ଆଦି ପ୍ରସଙ୍ଗ ସମେତ ବିଭିନ୍ନ ଦ୍ୱିପକ୍ଷୀୟ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରାଯାଇଛି । ଏହାଛଡ଼ା ୟୁକ୍ରେନ୍ ଦ୍ୱନ୍ଦ୍ୱ, ପଶ୍ଚିମ ଏସିଆ, ବାଙ୍ଗଲାଦେଶ ଓ ରାଜ୍ୟଗୋଷ୍ଠୀ ଆଦି ପ୍ରସଙ୍ଗ ସମେତ ବିଭିନ୍ନ ଆଞ୍ଚଳିକ ତଥା ବୈଶ୍ୱିକ ସମସ୍ୟା ଉପରେ ମଧ୍ୟ ସେମାନେ ମତ ବିନିମୟ କରିଛନ୍ତି । ଏକ ଅସ୍ଥିର ବିଶ୍ୱରେ ଶାନ୍ତି ଓ ସ୍ଥିରତା ଆଣିବା ଦିଗରେ ଭାରତ-ବ୍ରିଟେନ ସଂପର୍କର ଅବଦାନ ଅତୁଳନୀୟ ବୋଲି ଡକ୍ଟର ଜୟଶଙ୍କର ଉଲ୍ଲେଖ କରିଛନ୍ତି ।

# ଜୟଶଙ୍କର-ଟ୍ରମ୍ପ ଆଡ୍‌ମିନିଷ୍ଟ୍ରେସନ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର କହିଛନ୍ତି, ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ ସରକାରଙ୍କ ବିଭିନ୍ନ ନିଷ୍ପତ୍ତି ଭାରତ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିଛି । ଟ୍ରମ୍ପଙ୍କର ବୈଦେଶିକ ନୀତି ଭାରତକୁ ବିଭିନ୍ନ ଦିଗରେ ସୁହାଉଛି ବୋଲି ସେ କହିଛନ୍ତି । ଗତକାଲି ସନ୍ଧ୍ୟାରେ ଲଣ୍ଡନର ଚାଥାମ ହାଉସ୍‌ଠାରେ 'ଭାରତର ଉତ୍‌ଥାନ ଏବଂ ବିଶ୍ୱସ୍ତରରେ ଭୂମିକା' ଶୀର୍ଷକ ଏକ ଅଧିବେଶନରେ ଉଦ୍‌ବୋଧନ ଦେଇ ଡକ୍ଟର ଜୟଶଙ୍କର ଏହା କହିଛନ୍ତି ।

ବିଭିନ୍ନ ଭୂରାଜନୈତିକ ସ୍ଥିତି, ଶକ୍ତି, ସଂଯୋଗୀକରଣ ତଥା ବୈଷୟିକ ଜ୍ଞାନକୌଶଳ ପ୍ରସଙ୍ଗରେ ଡକ୍ଟର ଜୟଶଙ୍କର କହିଛନ୍ତି ଆମେରିକା ରାଷ୍ଟ୍ରପତି ଏବଂ ତାଙ୍କ ପ୍ରଶାସନ ଏହି କ୍ଷେତ୍ରରେ ନେଇଥିବା ବିଭିନ୍ନ ପଦକ୍ଷେପ ଭାରତ ଲାଗି ଅନୁକୂଳ ପରିବେଶ ସୃଷ୍ଟି କରିଛି । ତେବେ ଆମେରିକା ପ୍ରଶାସନ ପକ୍ଷରୁ ଲଗାଯାଇଥିବା ଶୁଳ୍କ ପ୍ରସଙ୍ଗରେ ସେ କହିଛନ୍ତି, ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପିୟୁଷ ଗୋୟଲ ବର୍ତ୍ତମାନ ୱାଶିଂଟନ୍ ଗସ୍ତରେ ଅଛନ୍ତି । ସେ ଦ୍ୱିପକ୍ଷୀୟ ବାଣିଜ୍ୟ ଚୁକ୍ତି ସଂପର୍କରେ ସେଠାରେ ଆଲୋଚନା କରିବେ ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି ।

# ପାକ୍ ବ୍ଲାଷ୍ଟ୍

ପାକିସ୍ତାନର ବାଲୁଚିସ୍ତାନ ପ୍ରଦେଶର ଏକ ଜନଗହଳି ଅଞ୍ଚଳରେ ଗତକାଲି ବିସ୍ଫୋରଣ ଘଟି ୪ ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟ ୫ ଜଣ ଆହତ ହୋଇଛନ୍ତି । ଖୁଜ୍‌ଦାର ବରିଷ୍ଠ ପୋଲିସ୍ ଅଧିକ୍ଷକ ଜାଭେଦ୍ ଜେହେରୀ ଏ ସଂପର୍କରେ ଦେଇଥିବା ସୂଚନା ଅନୁଯାୟୀ, ସ୍ଥାନୀୟ ନାଲ୍‌ବଜାରଠାରେ ଏକ ମୋଟରବାଇକ୍‌ରେ ବିସ୍ଫୋରଣ ସାମଗ୍ରୀ ଖଞ୍ଜା ଯାଇଥିଲା । ଏଥିରେ କେତେକ ମୋଟରଯାନ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି । ଏହି ବିସ୍ଫୋରଣ ଘଟଣାକୁ ବାଲୁଚିସ୍ତାନ ମୁଖ୍ୟମନ୍ତ୍ରୀ ମୀର୍ ସର୍ଫରାଜ୍ ଭୁକ୍‌ଟି ଦୃଢ଼ ନିନ୍ଦା କରିବା ସହ ଆହତମାନଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇଦେବା ଲାଗି ସ୍ଥାନୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ସାହିତ୍ୟୋତ୍ସବ

ଏସିଆର ସର୍ବବୃହତ ଭାଷା ମହୋତ୍ସବ 'ସାହିତ୍ୟୋତ୍ସବ' ଆସନ୍ତାକାଲିଠାରୁ ନୂଆଦିଲ୍ଲୀର ରବୀନ୍ଦ୍ର ଭବନରେ ଆରମ୍ଭ ହେବ । ସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜିତ ଏହି ଉତ୍ସବ ମାର୍ଚ୍ଚ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ । ଗତକାଲି ନୂଆଦିଲ୍ଲୀ ଠାରେ ସାହିତ୍ୟ ଏକାଡେମୀର ସଚିବ ଡକ୍ଟର କେ. ଶ୍ରୀନିବାସ ରାଓ ଏହି ସୂଚନା ଦେଇ କହିଛନ୍ତି, ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ଏହି ୬ ଦିନିଆ ସାହିତ୍ୟୋତ୍ସବକୁ ଉଦ୍‌ଘାଟନ କରିବେ । ଦେଶର ବିଭିନ୍ନ ପ୍ରାନ୍ତରୁ ୫୦ରୁ ଊର୍ଦ୍ଧ୍ୱ ଭାଷାର ୭୦୦ରୁ ଅଧିକ ଲେଖକ ଓ

ଲେଖିକା ଏହି ଉତ୍ସବରେ ଯୋଗଦେବେ । ପ୍ରାୟ ୧୨୦ଟି ଅଧିବେଶନ ଥିବା ଏହି ସାହିତ୍ୟୋତ୍ସବର ବିଷୟବସ୍ତୁ 'ଭାରତୀୟ ଭାଷା ପରମ୍ପରା' ରହିଛି ବୋଲି ଡକ୍ଟର ରାଓ କହିଛନ୍ତି ।

## ମାଣ୍ଡବ୍ୟ-ପାରା ଅଲିମ୍ପିକ୍ସ

ଖେଲୋ ଇଣ୍ଡିଆ ପାରା ପ୍ରତିଯୋଗିତା-୨୦୨୫ ଆସନ୍ତା ୨୦ ତାରିଖଠାରୁ ନୂଆଦିଲ୍ଲୀରେ ଆରମ୍ଭ ହେବ ବୋଲି ଯୁବ ବ୍ୟାପାର ଓ କ୍ରୀଡ଼ାମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ଘୋଷଣା କରିଛନ୍ତି । ସେ କହିଛନ୍ତି, ଖେଲୋ ଇଣ୍ଡିଆ  ପାରା ପ୍ରତିଯୋଗିତାର ଏହି ଦ୍ୱିତୀୟ ସଂସ୍କରଣରେ ୬ଟି ବିଭାଗରେ  ପ୍ରାୟ ୧ ହଜାର ୨୩୦ ଜଣ ଉଭୟ ଜାତୀୟ ଓ ଆନ୍ତର୍ଜାତିକ ସ୍ତରର ପ୍ରତିଯୋଗୀ ଅଂଶ ଗ୍ରହଣ କରିବେ । ଏହି ପ୍ରତିଯୋଗିତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଡକ୍ଟର ମାଣ୍ଡବ୍ୟ କହିଛନ୍ତି ।

ଏଠାରେ ସୂଚନା ଦିଆଯାଇପାରେ, ଦେଶରେ ପ୍ରତିଭାବାନ ଖେଳାଳିମାନଙ୍କର ଦକ୍ଷତାର ବିକାଶ ଦିଗରେ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ଖେଲୋ ଇଣ୍ଡିଆ ମିଶନର ଏକ ଅଂଶ ସ୍ୱରୂପ ଏହି ପ୍ରତିଯୋଗିତାର ଆୟୋଜନ କରାଯାଉଛି ।

## ଚମ୍ପିୟାନ୍ସ ଟ୍ରଫି

ଆସନ୍ତା ୯ ତାରିଖ ରବିବାର ଦିନ ଦୁବାଇଠାରେ ଅନୁଷ୍ଠିତ ହେବାକୁ ଥିବା ଆଇସିସି ଚମ୍ପିୟାନ୍ସ ଟ୍ରଫି କ୍ରିକେଟ୍ ପ୍ରତିଯୋଗିତାର ଫାଇନାଲ୍‌ରେ ଭାରତ ନ୍ୟୁଜିଲ୍ୟାଣ୍ଡକୁ ଭେଟିବ । ଗତକାଲି ପାକିସ୍ତାନର ଲାହୋରସ୍ଥିତ ଗଦାଫି ଷ୍ଟାଡିୟମରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ୍‌ରେ ନ୍ୟୁଜିଲ୍ୟାଣ୍ଡ ଦକ୍ଷିଣ ଆଫ୍ରିକାକୁ ୫୦ ରନ୍‌ରେ ପରାସ୍ତ କରିଛି ।

ଏହି ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୫୦ ଓଭରରେ ୬ ଓ୍ୱିକେଟ୍ ହରାଇ ୩୬୨ରନ୍ କରିଥିଲା । ଦଳ ପକ୍ଷରୁ ରଚିନ୍ ରବୀନ୍ଦ୍ରା ୧୦୧ଟି ବଲ୍‌ରୁ ୧୦୮ରନ୍ କରିଥିବା ବେଳେ କେନ୍ ଓ୍ୱିଲିୟମ୍‌ସନ୍ ୯୪ଟି ବଲ୍‌ରୁ ୧୦୨ରନ୍ ସଂଗ୍ରହ କରିଥିଲେ ।

୩୬୩ ରନ୍ ବିଜୟ ଲକ୍ଷ୍ୟର ପିଛା କରି ଦକ୍ଷିଣ ଆଫ୍ରିକା ନିର୍ଦ୍ଧାରିତ ୫୦ ଓଭରରେ ୯ ଓ୍ୱିକେଟ୍ ହରାଇ ୩୧୨ ରନ୍ କରିବାକୁ ସକ୍ଷମ ହୋଇଥିଲା । ଦଳ ପକ୍ଷରୁ ଡେଭିଡ୍ ମିଲର ଅପରାଜିତ ଶତକ ହାସଲ କରିଥିଲେ । ନ୍ୟୁଜିଲ୍ୟାଣ୍ଡ ପକ୍ଷରୁ ଅଧିନାୟକ ମିଚେଲ୍ ସାଣ୍ଟ୍‌ନର ୩ଟି ଓ୍ୱିକେଟ୍ ନେଇଥିବା ବେଳେ ମ୍ୟାକ୍ ହେନ୍‌ରୀ ଓ ଗ୍ଲେନ୍ ଫିଲିପ୍ସ ୨ଟି ଲେଖାଏଁ ଓ୍ୱିକେଟ୍ ଅକ୍ତିଆର କରିଥିଲେ । ରଚିନ ରବିନ୍ଦ୍ର ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି ।

ଗତ ୪ ତାରିଖ ଦିନ ଦୁବାଇ ଠାରେ ଅନୁଷ୍ଠିତ ପ୍ରଥମ ସେମିଫାଇନାଲ୍ ମ୍ୟାଚ୍‌ରେ ଭାରତ ଅଷ୍ଟ୍ରେଲିଆକୁ ୪ ୱିକେଟ୍‌ରେ ପରାସ୍ତ କରି ଫାଇନାଲ୍‌ରେ ପ୍ରବେଶ କରିସାରିଛି । ଏଥିସହିତ ଭାରତ ତୃତୀୟଥର ଲାଗି ଆଇ.ସି.ସି. ଚାମ୍ପିୟନ୍ସ ଟ୍ରଫି ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନିତ ହୋଇଛି ।

## ଫୁଟ୍‌ବଲ୍

ଇଣ୍ଡିଆନ୍ ସୁପର୍ ଲିଗ୍ ଫୁଟ୍‌ବଲ୍‌ରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ଏଫ୍‌ସି ଜାମସେଦପୁର ଏଫ୍‌ସିକୁ ୩-୨ ଗୋଲ୍‌ରେ ପରାସ୍ତ କରିଛି । ଏହି ବିଜୟ ସହିତ ଓଡ଼ିଶା ଏଫ୍‌ସି ୩୩ ପଏଣ୍ଟ ହାସଲ କରି ତାଲିକାର ଷଷ୍ଠ ସ୍ଥାନରେ ରହିଛି । ଆଜି ହାଇଦ୍ରାବାଦର ଗାଚିବାଉଲି ଷ୍ଟାଡିୟମ୍‌ଠାରେ ସନ୍ଧ୍ୟା ୭ଟା ୩୦ରେ ହାଇଦ୍ରାବାଦ ଓ ପଞ୍ଜାମ ମଧ୍ୟରେ ମୁକାବିଲା ହେବ ।